୪୦
୨୭/୫/୨୧

# ପାଠ-୮
## କଳାମାଣିକରେ

୧) ଉତ୍ତର ଲେଖ

କ) ମାତା ଯଶୋଦା କାହିଁକି ଚିନ୍ତିତ ହୋଇପଡ଼ିଛନ୍ତି ?

ଉ) ସ୍ନେହମୟୀ ମାତା ଯଶୋଦା କୃଷ୍ଣଙ୍କ ବନରୁ ଫେରିବା ବିଳମ୍ବରେ ଅଧୀରା ହୋଇପଡ଼ିଛନ୍ତି । ପ୍ରତ୍ୟହ ସନ୍ଧ୍ୟାପୂର୍ବରୁ କୃଷ୍ଣ ଗୋଠରୁ ଘର ଫେରିଆସନ୍ତି ; କିନ୍ତୁ ସେଦିନ ସନ୍ଧ୍ୟା ଅତିକ୍ରାନ୍ତ ହୋଇଯାଇଛି ; ତେଣୁ ମାତା ଯଶୋଦାଙ୍କ ମନ ଭୟ ଓ ନାନା ଆଶଙ୍କାରେ ବିବ୍ରତ ହୋଇପଡ଼ିଛି ।

ଖ) ଶ୍ରୀକୃଷ୍ଣଙ୍କୁ କେଉଁ ଖାଦ୍ୟ ରୁଚୁ ନଥିଲା ?

ଉ) ଶ୍ରୀକୃଷ୍ଣଙ୍କ ଶରୀର ଥିଲା ଦୁର୍ବଳ । ତେଣୁ ମା'ତାଙ୍କୁ ନାନା କ୍ଷୀରଜାତ ଦ୍ରବ୍ୟ ; ଯଥା - ଗୋଟିକା, ଅଧାମ ଓ ସର ଆଦି ଯାଚି ଖୁଆଇବାକୁ ଚେଷ୍ଟା କରୁଥିଲେ । ମାତ୍ର ସେସବୁ ଖାଦ୍ୟ କୃଷ୍ଣଙ୍କୁ ରୁଚୁ ନଥିଲା । କିନ୍ତୁ ଲବୁଣି ପ୍ରତି ତାଙ୍କ ମନରେ ଗଭୀର ଆଗ୍ରହ ଥିଲା ଓ ମା'ଙ୍କୁ ସେ ଲବୁଣି ଲାଗି ମାଗୁଥିଲେ ।

ଗ) ଯଶୋଦା ନିଜକୁ ଅଭାଗିନୀ ବୋଲି କାହିଁକି କହିଛନ୍ତି ?

ଉ) ଯଶୋଦାଙ୍କର ବୃଦ୍ଧାବସ୍ଥାର ଶ୍ରୀକୃଷ୍ଣ ଏକମାତ୍ର ସନ୍ତାନ ହୋଇଥିବାରୁ ସେ କ୍ଷଣମାତ୍ର ପାଖରୁ ଛାଡ଼ିବାକୁ ଇଚ୍ଛା କରୁନଥିଲେ; କିନ୍ତୁ କୃଷ୍ଣ ଗୋଚାରଣରେ ଯିବାକୁ ଜିଦ୍ କରୁଥିଲେ। ବନରୁ ଫେରିବାରେ ବିଳମ୍ବ ହେବାରୁ ଯଶୋଦା ବ୍ୟସ୍ତ ଓ ବିବ୍ରତ ହୋଇ ନିଜକୁ ଅଭାଗିନୀ ବୋଲି କହି ଅନୁତାପ କରୁଥିଲେ।

ଘ) ଶ୍ରୀକୃଷ୍ଣଙ୍କ ପାଦରେ କଣ୍ଟା ଫୋଟିଯିବାର ଯାତନା ମାଆଙ୍କ ମନରେ କାହିଁକି ସୃଷ୍ଟି ହୋଇଛି ?

ଉ) ଗୋଚାରଣରେ ଯିବାବେଳେ ଶ୍ରୀକୃଷ୍ଣ କଉଷ ଓ ଛତା ହାତରେ ନେଇଯାଆନ୍ତି। କିନ୍ତୁ ଯେଦିନ ସେସବୁ ନେବାକୁ ସେ ଭୁଲି ଯାଉଥିଲେ। କଉଷ ନ ଥିବାରୁ ତାଙ୍କ କୋମଳ ପାଦରେ କଣ୍ଟା ଫୋଟି ତାଙ୍କ କଷ୍ଟ ହେଉଥିବ ଭାବି ମା' ମନରେ ଯାତନା ସୃଷ୍ଟି ହୋଇଛି। ବନ ମଧ୍ୟରେ ପଡ଼ିଥିବା ଅନାବନା କଣ୍ଟା ଫୋଟି ପାଦରୁ ରକ୍ତ ଝରିପଡୁଥିବ ଓ ସେ ଯାତନା ଭୋଗୁଥିବେ, ଏହିକଥା ମନରେ ଭାବି ମା'ଙ୍କ ମନ ବିଷାଦରେ ଭରିଉଠିଛି।

୨. ଉତ୍ତର ଲେଖ

କ) ଶ୍ରୀକୃଷ୍ଣଙ୍କୁ ନୀଳମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

ଉ) ମାଣିକ୍ୟ ହେଉଛି ଏକ ବହୁମୂଲ୍ୟ ରତ୍ନପଥର। ଏହା ବିଭିନ୍ନ ବର୍ଣ୍ଣର ହୋଇଥାଏ ଓ ବର୍ଣ୍ଣ ଅନୁସାରେ ତା'ର ନାମକରଣ ହୋଇଥାଏ। ଏହା ଚିକ୍କଣ, ସୁନ୍ଦର ଓ ବହୁ ମୂଲ୍ୟବାନ୍। ଯଶୋଦାଙ୍କ ପାଇଁ ଶ୍ରୀକୃଷ୍ଣ ଥିଲେ ସର୍ବସୁନ୍ଦର ଓ ବହୁ ମୂଲ୍ୟବାନ୍। କିନ୍ତୁ କୃଷ୍ଣଙ୍କ

ଯଠ
୨୨|୧୨|୨

Date
Page 4

ଶରୀରର ସୁଗନ୍ଧ ଚମ୍ପାମାଳ ହୋଇଥିବାରୁ ଯଶୋଦା ପୁତ୍ର ପୁତ୍ର କୃଷ୍ଣଙ୍କୁ ସ୍ନେହରେ ଚମ୍ପାମାଳୀକ ବୋଲି ସମ୍ବୋଧନ କରିଛନ୍ତି।

ଖ) ପୁଅର କେଉଁସବୁ କାର୍ଯ୍ୟ ମନେପକାଇ ମାଆ ଭାଳି ହେଉଛନ୍ତି ?

ଉ) ମା' ମନ ସନ୍ତାନ ପାଇଁ ସଦା ବ୍ୟାକୁଳ। କୃଷ୍ଣ ଯଶୋଦାଙ୍କର ଏକମାତ୍ର ସନ୍ତାନ ଥିଲେ। ମା'ଙ୍କ ବାରଣ ସତ୍ତ୍ୱେ ଆଦରର ଧନ ତାଙ୍କର କୋଳରୁ ଚାଲିଯିବାକୁ ବେଳକୁ ଯାଇ ଫେରିବାରେ ବିଳମ୍ବ କରିଛନ୍ତି। ସେଣୁ ସ୍ନେହମୟୀ, ମମତାମୟୀ ମା'ର ହୃଦୟ ଅନେକ ଭୟ ଓ ଆଶଙ୍କାରେ ଥରିଉଠୁଛି। କୃଷ୍ଣଙ୍କୁ ଘରେ ଅଧାମ, ଗୋଟିକା, ସର ଆଦି ସୁସ୍ୱାଦୁ ଖାଦ୍ୟ ଭୁଲେ ନାହିଁ। ଲହୁଣି ମାଗି ମାଗି ନୃତ୍ୟ କରିବା, ଅଳି ଅଝଟ କରି ତଳେ ଗଡ଼ିଯିବା, ଧୂଳି ଧୂସର ହୋଇ କୋଳରେ ଲୋଟିଯିବା ଭଳି କୃଷ୍ଣଙ୍କର ଶିଶୁସୁଲଭ ଚପଳତାକୁ ମା' ମନେ ପକାଇ ଭାଳି ହେଉଛନ୍ତି। ଜଙ୍ଗଲରେ ଜାତୁଧାନୀ ଓ ରାକ୍ଷସଙ୍କର ଉପଦ୍ରବ ହେଉଥିବ, ଟାଣ ଖରାରେ ଶ୍ରମହୀନ ହୋଇ ଯାଉଥିବ, ପାଦରେ କଣ୍ଟା ଫୁଟି କଷ୍ଟ ହେଉଥିବ - ଏମିତି କେତେକଥା ଭାବି ଭାଳି ହେଉଛନ୍ତି ଏବଂ ଭାବି ଭାବି ମା ଯଶୋଦା ବିଳାପ କରୁଥିଲେ।

ଗ) ମାଆଙ୍କର ହୃଦୟ ତାପ ବିନାଶ କରିବାରେ ଶ୍ରୀକୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି କହିବାର କାରଣ କ'ଣ ?

ଉ) ହରିଚନ୍ଦନ ହେଉଛି ଦେବଭୋଗ୍ୟ ସୁବାସିତ ଶ୍ରେଷ୍ଠ ଚନ୍ଦନ। ଗ୍ରୀଷ୍ମକାଳରେ ଶରୀରକୁ ଶୀତଳତା ପ୍ରଦାନ କରିବାପାଇଁ ଚନ୍ଦନ ଲଗାଯାଏ ଯାହାକି ହୃଦୟର ସକଳ, ସନ୍ତାପ, ଦୁଃଖ, ତାପ ଓ ଦହନକୁ ଶାନ୍ତ କରେ। ଯଶୋଦା ଜୀବନରେ କୃଷ୍ଣ ଥିଲେ

ଯଥ 29/4/21



ବାର୍ଦ୍ଧକ୍ୟର ଏକମାତ୍ର ସମ୍ବଳ , ଜୀବନର ସର୍ବସ୍ୱ । ଯେତେବେଳେ ସେ କୃଷ୍ଣଙ୍କ ହୃଦୟରେ ଲଗାଇ ଆଖିଙ୍କାରେ ତାଙ୍କ ମନରେ ବ୍ୟାକୁଳତା ଭରିଯାଉ ଏବଂ କୋଳକୁ ଘେନିଥାନ୍ତି ସେ ପରମ ସୁଖ ଅନୁଭବ କରନ୍ତି । ତେଣୁ ସେ କୃଷ୍ଣଙ୍କୁ ହୃଦୟର ତାପ ନିବାରକ ହରିଚନ୍ଦନ ବୋଲି କହିଛନ୍ତି ।

ଘ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ ?

ଉ) ବୃଦ୍ଧ ବୟସରେ ଶ୍ରୀକୃଷ୍ଣଙ୍କ ପରି ସନ୍ତାନ ଯଶୋଦାଙ୍କ ଜୀବନର ସର୍ବସ୍ୱ ଏବଂ ଏକମାତ୍ର ସମ୍ବଳ ଥିଲେ । ତାଙ୍କ ପାଇଁ କୃଷ୍ଣ ଥିଲେ ନୟନ ପ୍ରତିମା ସଦୃଶ । କ୍ଷଣକ ପାଇଁ କୃଷ୍ଣ ପାଖରୁ ଅନ୍ତର ହେଲେ ସେ ବିଳାପ କରି ଉଠୁଥିଲେ । କୃଷ୍ଣ ତାଙ୍କ ପାଇଁ ଅନ୍ଧର ଲଉଡି ଓ ଦରିଦ୍ରର ଧନ ପରି ଥିଲେ । ଅଦୃଷ୍ଟ କୃଷ୍ଣ କିନ୍ତୁ ତାଙ୍କ ବାରଣ ନମାନି ଗୋଚାରଣରେ ବନକୁ ଚାଲି ଯାଉଥିଲେ । ଜୀବର ଜୀବନ ତଥା ହୃଦରତ୍ନହାର ସଦୃଶ କୃଷ୍ଣ ତାଙ୍କ ଜୀବନର ସମସ୍ତ ସୁଖର କାରଣ ଥିଲେ । ତାଙ୍କ ଚନ୍ଦ୍ରବଦନ ଦର୍ଶନରେ ମା' ପାଉଥିଲେ ଅସୀମ ଆନନ୍ଦ । ଜୀବନର ସମସ୍ତ ଦୁଃଖ ପାସୋରି ସେ ତାଙ୍କୁ କୋଳେଇ ନେଉଥିଲେ ।

ଙ) ଶ୍ରୀକୃଷ୍ଣଙ୍କର ବେଣୁସ୍ୱନକୁ କାନ ଡେରିବା ପ୍ରସଙ୍ଗରେ କେଉଁ ଭାବ ପ୍ରକାଶ ପାଇଛି ?

ଉ) ଶ୍ରୀକୃଷ୍ଣ ନିତିପ୍ରତି ଗୋଚାରଣରେ ବନକୁ ଯାଇ ସନ୍ଧ୍ୟା ପୂର୍ବରୁ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଗୋଧୂଳି ବେଳରେ ତାଙ୍କ ବଂଶୀସ୍ୱନକୁ କାନଡେରି ରହୁଥିଲେ ମାତା ଯଶୋଦା । ଦୂରରୁ ସୁମଧୁର ବେଣୁନାଦ ତାଙ୍କ ମନରେ ଆନନ୍ଦ ଭରି ଦେଉଥିଲା । ସେ ବାଟକୁ ଚାହିଁ ଯାଉଥିଲେ ପୁଅକୁ ପାଛୋଟି ଆଣିବା ପାଇଁ ।

ସେଦିନ ସନ୍ଧ୍ୟା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କୃଷ୍ଣଙ୍କ ଘରବାହୁଡ଼ାରେ ବିଳମ୍ବ ଦେଖି ମା' ଯଶୋଦାଙ୍କ ମନ ଦୁଃଖ ଓ ଆଶଙ୍କାରେ ଭରି ଉଠିଥିଲା । ବଂଶୀର ସ୍ୱନକୁ ଅପେକ୍ଷା କରି କରି ନାନା ବିପଦ ଆଶଙ୍କାରେ ବ୍ୟାକୁଳ ହୋଇଥିଲା ତାଙ୍କ ମନ । ସେଣୁ ନିଜକୁ ଧିକ୍କାର କରି ଦୁଃଖରେ ଭାଙ୍ଗି ପଡ଼ିଥିଲେ ସେ । ପୁତ୍ରର ସ୍ମୃତି ସ୍ମରଣ କରି ସେ କରୁଣ ସ୍ୱରରେ ବିଳାପ କରିଉଠିଥିଲେ । ଏଠାରେ ମାତା ଯଶୋଦାଙ୍କର ଅପୂର୍ବ ବାତ୍ସଲ୍ୟ-ମମତାର ଭାବ ପ୍ରକାଶ ପାଇଛି ।

ଗ) ସ୍ଥାନ ପୂରଣ କର

କ) ଅଧିକ ଲହରି ବାଡ଼ିରେ ଦ୍ରୁପଦ ଉଦ୍ଧାର ।

ଖ) ଉରୁ ଥାଉ ଅଶାରକୁ ଉଷ୍ମ ପାଉ ମୋର

ଗ) ଦ୍ରୁପଦାପ ବିନାଶନେ ଦୁ ଧ୍ରିତ୍ରିଧନ ।

ଘ) ଗୋପିକା, ଅଧାମ, ସର ନ ରୁଚଇ ମୋତେ

ଙ) ବନେ କଣ୍ଟା ଲାଗି ହୋଇ ଦୁଷ୍ଟ ପାଦ ଚିହ୍ନା

୪) <u>ଅସଜଡ଼ା ପଦକୁ ସଜାଡ଼ି ଲେଖ</u>

କ) ତୁହି ବିନାଶନେ ଏକଇ ବୃଦ୍ଧକାଳେ ନୟନ ହୃଦତାପ ହରିଚନ୍ଦନ ମୋହର

ଉ) ବୃଦ୍ଧକାଳେ ତୁ ମୋହର ଏକଇ ନୟନ, ହୃଦତାପ ବିନାଶନେ ତୁ ହରିଚନ୍ଦନ

ଖ) ଗୁଡ଼ିକି ଉଙ୍କୁଣୀ ବନକୁ ମାଡ଼ିବାର ଝୁମ୍ପୁଡ଼ି ଛାଡ଼ିଦେଲି କିଶୋରେ କାହିଁକି ମୁଁ

ଉ) କିଶୋରେ ମାଡ଼ିବାର ଝୁମ୍ପୁଡ଼ି ଗୁଡ଼ିକି, ମୁଁ ଉଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି।

୫) ଯଶୋଦା ଶ୍ରୀକୃଷ୍ଣଙ୍କୁ କ'ଣ କ'ଣ ସମ୍ବୋଧନ କରି ଡାକିଛନ୍ତି, ସେହି ନାମଗୁଡ଼ିକ ଲେଖ।

ଉ) ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଜନନୀ ଯଶୋଦା ସମ୍ବୋଧନ କରି ଡାକିଥିବା ନାମଗୁଡ଼ିକ ହେଲା - କଳାମାଣିକ, ନିଧନ ସମ୍ପତ୍ତି, ଦରିଦ୍ର ଆସରା, ଅନ୍ଧ ଲଉଡ଼ି, ହୃଦ ରତ୍ନହାର, ଜୀବ ଜୀବନ, ନୟନ ପ୍ରତିମା, ହରିଚନ୍ଦନ।

୬) <u>ଅର୍ଥ ଲେଖ</u>

କ) <u>ନିଧନ</u> ସମ୍ପତ୍ତି ମୋର ଦରିଦ୍ର ଆସରା।

ଉ) ନିଧନ - ନିର୍ଦ୍ଧନ, ଧନହୀନ, ଦରିଦ୍ର, ଗରିବ।

ଖ) ବୃଦ୍ଧକାଳେ ତୁ ମୋହର ଏକଇ <u>ନୟନ</u>।

ଉ) ନୟନ - ଚକ୍ଷୁ, ନେତ୍ର

ଗ) ଗୋଠିକା, <u>ଅଯାମ</u>, ସର ନ ରୁହଇ ଯୋଷେ।

ଉ) ଅଯାମ - ଦୁଗ୍ଧଜାତ ମିଷ୍ଟାନ୍ନ ବିଶେଷ, ରାବିଡ଼ି, ସରପୁଳି। ଦୁଗ୍ଧ ଗରମ କରିଦେବାରୁ ଜଳୀୟ ଅଂଶ କମିଗଲା ପରେ ଅବଶିଷ୍ଟ

୨୧/୫/୨୧



ଅବସ୍ଥାରେ ଯାହା ହୁଏ ତାହାକୁ ଅପାମ କୁହାଯାଏ । ଏହା ଏକ ସ୍ବାସ୍ଥ୍ୟ ବ୍ୟାଧି ।

ଘ) ବନେ କଣ୍ଟା ଛାଡି ହୋଇ ମୃଦୁ ପାଦ ଚିହ୍ନ ।
ଉ) ମୃଦୁ - କୋମଳ, ନରମ

ଙ) ବାବ ବାବ ବାରୁଥାଇ ଦିବା ପାଇଁ ବନେ ।
ଉ) ବାରୁଥାଇ - ବାରଣ କରୁଥାଇ, ମନା କରୁଥାଇ

୮) ସମୋଚ୍ଚାରିତ ଶବ୍ଦ

ବେଶି - ଅଧିକ
ବେଶୀ - ବେଶଧାରୀ
ନିଶା - ରାତ୍ରି
ନିଶା - ନିଶାଦ୍ରବ୍ୟ ଅଭ୍ୟସ୍ତ

ନିଧନ - ମୃତ୍ୟୁ, ବିନାଶ
ନିଧନ - ଧନହୀନ, ଦରିଦ୍ର
ବର - ବୃକ୍ଷ ବିଶେଷ, ସ୍ବାମୀ, ପତି
ବର - ଆଶୀର୍ବାଦ

ଶ୍ରୁତି - କାନ, ଶ୍ରବଣ, ଶୁଣିବା
ଶ୍ରୁତି - ବେଦ, କିମ୍ବଦନ୍ତୀ

୯) ପ୍ରତିଶବ୍ଦ

କାନନ - ବଣ, ଜଙ୍ଗଲ
ନୟନ - ଚକ୍ଷୁ, ଆଖି
ଲହରି - ବୀଚି, ଢେଉ
ଦରିଦ୍ର - ଦୀନ, ଗରିବ
ଜନନୀ - ମାତା, ମା'

୨୧/୫/୨୧

## ପାଠ - ୧

Date
Page ୨

## କଳାମାଣିକରେ

୪) ସପ୍ରସଙ୍ଗ ଭାଷା ବୁଝାଇ ଲେଖ

କ) ଯୋଗି ମୁଁ ପଡ଼ିଲେ .......... ପଡ଼ିବଇଁ ମୁହିଁ ।

ଉ) ଉକ୍ତ ପଦପଂକ୍ତିଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ 'କଳାମାଣିକରେ' ଶୀର୍ଷକ ପଦ୍ୟରୁ ଆନୀତ । ଏଠାରେ ମା'ର ବାତ୍ସଲ୍ୟପ୍ରୀତି ଏବଂ ସନ୍ତାନର ଜନନୀପ୍ରୀତି ଉଭୟର ପରିପ୍ରକାଶ ଘଟିଛି ।

ବାଲ୍ୟକାଳରେ ଶ୍ରୀକୃଷ୍ଣ ଅତ୍ୟନ୍ତ ଦୁର୍ବଳ ଶରୀରବିଶିଷ୍ଟ ଥିଲେ । ସେଥିପାଇଁ ମାତା ଯଶୋଦା ଚିନ୍ତିତ ଥିଲେ। ସନ୍ତାନ ଯେତେ ସୁସ୍ଥ ସବଳ ଥିଲେ ମଧ୍ୟ ଜନନୀ ଚକ୍ଷୁରେ ସେ ସଦାବେଳେ ଦୁର୍ବଳ ମନେ ହୋଇଥାଏ । କୃଷ୍ଣଙ୍କ କୋଳରେ ଧରି ସ୍ନେହ କଲାବେଳେ ଯଶୋଦା ପୁତ୍ରର ଅସୁସ୍ଥତା ଆଶଙ୍କା କରିଥାଆନ୍ତି । ଦେଖୁ ଗୋପିକା, ଅଧ୍ୟାମ ଓ ସର ଆଦି ଦ୍ରବ୍ୟଙ୍କର ସ୍ୱାଦ ଖାଇବାକୁ ତାଙ୍କୁ ବାଧ୍ୟ କରନ୍ତି । ଏହିପରି ଦୁର୍ବଳ କୋମଳ ଶରୀର ଧାରଣ କରି ସେ ଗୋଚାରଣ ନିମନ୍ତେ ବନକୁ ଯାଉଥିବାରୁ ମା' ମନ ସଦା ଆତଙ୍କିତ ଥାଏ। ପୁନଶ୍ଚ ସନ୍ଧ୍ୟା ପରେ ବନରୁ ଫେରିବାରେ ବିଳମ୍ବ ହେବାରୁ ଆଶଙ୍କାରେ ଅଧିକ ହୋଇ ଯଶୋଦା ବ୍ୟାକୁଳ ହୋଇଉଠିଛନ୍ତି ଓ ପୁତ୍ରର ଗୁଣାବଳୀ ସ୍ମରଣ କରି ବିଳାପ କରିଛନ୍ତି ।

ଏଠାରେ ଲେଖକଙ୍କ ଉକ୍ତିଟି ସୁନ୍ଦର ହୋଇଛି ।

ଖ) କେଉଁକାହିଁ କାହିଁ ପାଇଁ .......... ସୁନ୍ଦ ପାଦ ଚିନ୍ତା ।

ଉ) ଉକ୍ତ ପଦପଂକ୍ତିଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ 'କଳାମାଣିକରେ' ଶୀର୍ଷକ ପଦ୍ୟରୁ ଆନୀତ । ଏଠାରେ କବି କୃଷ୍ଣଙ୍କ ଚିନ୍ତାରେ ବ୍ୟଥିତ ସ୍ନେହମୟୀ ଜନନୀ ଯଶୋଦାଙ୍କର ବିଳାପ

ବର୍ଣ୍ଣନା କରିଛନ୍ତି ।

ସନ୍ଧ୍ୟାରେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାରେ ବିଳମ୍ବ ହେବାରୁ ଯଶୋଦା କୃଷ୍ଣଙ୍କ ଚିନ୍ତାରେ ବ୍ୟାକୁଳ ହୋଇଉଠିଛନ୍ତି । ଗାଈଗୋଠ ସହ ଗଲାବେଳେ କୃଷ୍ଣ ତାଙ୍କ କଣ୍ଠ ଓ ଚୂଡା ସଙ୍ଗେ ନେବାକୁ ଭୁଲିଯାଇଛନ୍ତି । ସେଥିପାଇଁ ମା'ଙ୍କ ମନରେ ଅସୁମାରି ଆଶଙ୍କା ସୃଷ୍ଟି ହୋଇଛି । ସେ ଚିନ୍ତା କରିଛନ୍ତି ହୁଏତ ନିଦାଘ ତାତି ହେତୁ କୃଷ୍ଣଙ୍କ ଦେହରୁ ଝାଳ ବହି ଯାଉଥିବ । ବନ ମଧ୍ୟରେ ଅନାବନା କଣ୍ଟା ମାଡି ସୁକୋମଳ ପାଦ ଦୁଇଟିରୁ ରକ୍ତ ଝରି ଯାଉଥିବ । ଯମୁନାରେ ତାଙ୍କ ଅଳିଅଳି ଦୁଅ ଅଧୀର ହୋଇଯାଉଥିବ । ଚାଲିବାରେ କଷ୍ଟ ଅନୁଭବ କରି ହୁଏତ ଆସିବାରେ ବିଳମ୍ବ ହୋଇଛି । ଏହିପରି ନାନା ଭୟ ଓ ଆଶଙ୍କାରେ ମା' ମନ ଶିହରି ଉଠିଛି । ବାତ୍ସଲ୍ୟ ମମତାମୟୀ ଜନନୀ ଯଶୋଦାଙ୍କର ବ୍ୟାକୁଳତା କବିଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି ।